
# ଅଧ୍ୟାୟ - III

# ରାଜ୍ୟ ଅବକାରୀ

# ଅଧ୍ୟାୟ III
## ରାଜ୍ୟ ଅବକାରୀ ଶୁଳ୍କ

### 3.1 କର ପରିଚାଳନା

ଅବକାରୀ ଶୁଳ୍କ ବସାଣ ଓ ଆଦାୟ, ଓଡ଼ିଶା ଅବକାରୀ ଅଧିନିୟମ, 2008 ଏବଂ ସରକାରଙ୍କ ଦ୍ୱାରା ପ୍ରଣୀତ ତଦଧୀନ ନିୟମାବଳୀ ଅଧିନରେ ନିୟନ୍ତ୍ରିତ ହୋଇଥାଏ । ରାଜ୍ୟ ଅବକାରୀ ରାଜସ୍ୱ ପ୍ରଶାସନର ସାଂଗଠନିକ ବ୍ୟବସ୍ଥା ନିମ୍ନରେ ଦର୍ଶାଗଲା:




### 3.2 ଆଭ୍ୟନ୍ତରୀଣ ସମୀକ୍ଷା

ଆଭ୍ୟନ୍ତରୀଣ ସମୀକ୍ଷା ଶାଖା (ଆଇଏଡବ୍ଲୁ), ଯାହା ବିଭାଗ ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟ ଗୁଡ଼ିକର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପଦକ୍ଷେପ ଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ଦାୟୀ ଅଟେ, ତାହା 2010 ମସିହା ଠାରୁ କାର୍ଯ୍ୟ କରିଆସୁଅଛି । 2019-20 ଆର୍ଥିକ ବର୍ଷରେ, ଆଭ୍ୟନ୍ତରୀଣ ସମୀକ୍ଷା ଶାଖା ସମୀକ୍ଷା ପାଇଁ ଯୋଜନାକୃତ 14ଟି ବିଭାଗ ମଧ୍ୟରୁ ନଅଟି ବିଭାଗରେ ଅଡିଟ୍ କରିଥିଲେ । ଅଡିଟ୍ ସଂଚାଳନରେ ନିଅଣ୍ଟ ହୋଇଥିବା କାରଣ ସ୍ୱରୂପ କର୍ମଚାରୀଙ୍କ ଅଭାବକୁ ବିଭାଗ ଦର୍ଶାଇଥିଲା । 2008-09 ରୁ 2019-20 ମଧ୍ୟରେ ଜାରି କରାଯାଇଥିବା 151.34 କୋଟି ଟଙ୍କା ଜଡ଼ିତ 477ଟି ଅନୁଚ୍ଛେଦ ସମ୍ବଳିତ ଆଭ୍ୟନ୍ତରୀଣ ଅଡିଟ୍ ରିପୋର୍ଟଗୁଡ଼ିକ 31 ମାର୍ଚ୍ଚ 2020 ସୁଦ୍ଧା ଅମୀମାଂସିତ ରହିଥିବାର ପରିଲକ୍ଷିତ ହୋଇଥିଲା ।

### 3.3 ସମୀକ୍ଷାର ଫଳାଫଳ

2019-20 ଆର୍ଥିକ ବର୍ଷରେ ରାଜ୍ୟ ଅବକାରୀ ବିଭାଗର 36ଟି ୟୁନିଟ୍ ମଧ୍ୟରୁ 19ଟି ୟୁନିଟ୍‌ରେ (52.77 ପ୍ରତିଶତ) ଅଡିଟ କରାଯାଇଥିଲା । 2018-19 ଅବଧିରେ ନମୁନା ଯାଞ୍ଚ କରାଯାଇଥିବା 19ଟି ୟୁନିଟରେ 3,704.24 କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଥିଲା, ଯାହାକି 36 ଟି ୟୁନିଟରୁ ଆଦାୟ ହୋଇଥିବା 3,925.12 କୋଟି ଟଙ୍କାର 94.36 ପ୍ରତିଶତ ଥିଲା । ଅବକାରୀ ଶୁଳ୍କ ଅନାଦାୟ/ ସ୍ୱଳ୍ପାଦାୟ, ଲାଇସେନ୍‌ସ ଫି/ ସୁଧର ଅଣ ଅସୁଲ/ ସ୍ୱଳ୍ପ ଅସୁଲ, ଜୋରିମାନା ଏବଂ ଅନ୍ୟାନ୍ୟ ଅନିୟମିତତାର 245ଟି ମାମଲାରେ 14.77 କୋଟି ଟଙ୍କା ଜଡ଼ିତ ଥିବା ଅଡିଟ୍‌ରେ ପରିଲକ୍ଷିତ ହୋଇଥିଲା ଯାହାକି ନିମ୍ନଲିଖିତ **ସାରଣୀ 3.1** ରେ ଦର୍ଶାଯାଇଛି ।

**ସାରଣୀ 3.1: ରାଜ୍ୟ ଅବକାରୀ ରାଜସ୍ୱ ପ୍ରାପ୍ତି ସମ୍ବନ୍ଧୀୟ ସମୀକ୍ଷା ଅବଲୋକନର ବର୍ଗୀକରଣ**

(ଟଙ୍କା କୋଟିରେ)

| କ୍ର.ସଂ. | ପର୍ଯ୍ୟାୟ | ମାମଲା ସଂଖ୍ୟା | ପରିମାଣ |
|---|---|---|---|
| 1. | ଅବକାରୀ ଶୁଳ୍କର ଅନାଦାୟ/ ସ୍ୱଳ୍ପାଦାୟ | 34 | 10.19 |
| 2. | ଲାଇସେନ୍ସ୍ ଫି/ ସୁଧ/ ଜୋରିମାନା ଅନାଦାୟ/ ସ୍ୱଳ୍ପାଦାୟ | 54 | 0.93 |
| 3. | ଅନ୍ୟାନ୍ୟ ଅନିୟମିତତା[55] | 157 | 3.65 |
| ମୋଟ | | **245** | **14.77** |

ବର୍ଷ ମଧ୍ୟରେ ଦର୍ଶାଯାଇଥିବା 171ଟି ମାମଲାରେ 12.81 କୋଟି ଟଙ୍କାର ସ୍ୱଳ୍ପ ନିର୍ଦ୍ଧାରଣ ଏବଂ ଅନ୍ୟାନ୍ୟ ତ୍ରୁଟିକୁ ବିଭାଗ ସ୍ୱୀକାର କରିଥିଲେ ଏବଂ 2019-20 ବର୍ଷରେ ଦର୍ଶାଯାଇଥିବା 73ଟି ମାମଲାରେ 30 ଲକ୍ଷ ଟଙ୍କା ଆଦାୟ କରିଥିଲେ । ରାଜ୍ୟ ଅବକାରୀ ବିଭାଗର ନମୁନା ସମୀକ୍ଷାରେ ଅନ୍ତର୍ଭୁକ୍ତ ହୋଇନଥିବା ଅନ୍ୟାନ୍ୟ ୟୁନିଟ୍ ଗୁଡ଼ିକରେ ଏତାଦୃଶ ତ୍ରୁଟି/ ଅକୃତି ଥାଇପାରେ, ଏଣୁ ଆଇନ ଏବଂ ବିଭାଗୀୟ ଅଧିନିୟମ ଗୁଡ଼ିକରେ ଥିବା ବ୍ୟବସ୍ଥା ଅନୁଯାୟୀ, ବିଭାଗ, ଶୁଳ୍କ ଏବଂ ଫି ବସାଣକୁ ସୁନିଶ୍ଚିତ କରିବା ପାଇଁ ନମୁନା ଯାଞ୍ଚରେ ଅନ୍ତର୍ଭୁକ୍ତ ହୋଇ ନଥିବା ଅନ୍ୟ ସମସ୍ତ ୟୁନିଟ ଗୁଡ଼ିକର ଆଭ୍ୟନ୍ତରୀଣ ପର୍ଯ୍ୟବେକ୍ଷଣ କରିବାକୁ ପସନ୍ଦ କରିପାରନ୍ତି ।

## 3.4 ସମୀକ୍ଷା ସିଦ୍ଧାନ୍ତ

ଅଡିଟ, ଜିଲ୍ଲା ଅବକାରୀ କାର୍ଯ୍ୟାଳୟ (ଡିଇଓ) ଗୁଡ଼ିକରେ ରାଜ୍ୟ ଅବକାରୀ ଶୁଳ୍କ ଏବଂ ତତ୍‌ସଂଲଗ୍ନ ଫି ସମ୍ବନ୍ଧୀୟ ନିର୍ଦ୍ଧାରଣ ନଥିପତ୍ର ଯାଞ୍ଚ କରିଥିଲେ । ଅନେକଗୁଡ଼ିଏ ମାମଲାରେ ଅଧିନିୟମ/ ନିୟମାବଳୀ/ ବାର୍ଷିକ ଅବକାରୀ ନୀତି ସମୂହରେ ଥିବା ବ୍ୟବସ୍ଥା ଗୁଡ଼ିକ ପାଳନ ହୋଇ ନ ଥିବାର ଦେଖିଲେ । ଅବକାରୀ ଶୁଳ୍କର ଅଣ ଆଦାୟ/ ସ୍ୱଳ୍ପାଦାୟ, ଫି ଏବଂ ଜୋରିମାନା ଇତ୍ୟାଦିର ଅନାଦାୟ/ ସ୍ୱଳ୍ପାଦାୟ ବିଷୟରେ ଏହି ଅଧ୍ୟାୟର ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଉଲ୍ଲେଖ କରାଯାଇଅଛି । ଏହି ମାମଲା ଗୁଡ଼ିକ ଦୃଷ୍ଟାନ୍ତ ମୂଳକ ଏବଂ ଅଡିଟ ଦ୍ୱାରା କରାଯାଇଥିବା ନମୂନା ଯାଞ୍ଚ ଉପରେ ପର୍ଯ୍ୟବେଷିତ । ଅବକାରୀ ଅଧୀକ୍ଷକ(ଏସ୍‌ଇ) ମାନଙ୍କ ଦ୍ୱାରା ହେଉଥିବା ଏହିପରି ଅନିୟମିତତା ଗୁଡ଼ିକ ପ୍ରତିବର୍ଷ ସମୀକ୍ଷାରେ ଦର୍ଶାଯାଉଅଛି । ତଥାପି, ଏହିପରି ଅନିୟମିତତା ସର୍ବଦା ଲାଗିରହୁଛି ଏବଂ ପରବର୍ତ୍ତୀ ସମୀକ୍ଷା ସଂଚାଳନ ନହେବା ପର୍ଯ୍ୟନ୍ତ ଅଲକ୍ଷିତ ହୋଇରହୁଛି । ଏହିପରି ଅନିୟମିତତା ଗୁଡ଼ିକର ପୁନରାବର୍ତ୍ତନରୁ ଦୂରେଇ ରହିବାକୁ ବିଭାଗ ଏହାର ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ଉନ୍ନତ କରିବା ସହିତ ଆଭ୍ୟନ୍ତରୀଣ ସମୀକ୍ଷାକୁ ଦୃଢ଼ୀଭୂତ କରିବା ଆବଶ୍ୟକ କରୁଛି ।

## 3.5 ଅଧିନିୟମ/ ନିୟମାବଳୀ/ ବାର୍ଷିକ ଅବକାରୀ ନୀତି ଏବଂ ସରକାରଙ୍କ ନିର୍ଦ୍ଦେଶନାମା ଗୁଡ଼ିକର ଅନନୁପାଳନ

*ଓଡ଼ିଶା ଅବକାରୀ (ଓଇ) ଅଧିନିୟମ, 2008 ଏବଂ ଓଡ଼ିଶା ଅବକାରୀ (ଓଇ) ନିୟମାବଳୀ, 2017 ତଥା ରାଜସ୍ୱ ବୋର୍ଡ ଦ୍ୱାରା ତିଆରି କରାଯାଇଥିବା ତଦଧୀନ ନିୟମାବଳୀ, ସରକାରଙ୍କ ଦ୍ୱାରା ଜାରି ଅଧିସୂଚନା ଏବଂ ବାର୍ଷିକ ଅବକାରୀ ନୀତି ସମୂହ ନିର୍ଦ୍ଧାରିତ ହାରରେ ଅବକାରୀ ଶୁଳ୍କ, ପ୍ରତିଷ୍ଠାନ ଖର୍ଚ୍ଚ ଓ ଅତିରିକ୍ତ ସମୟ ଚାଲୁରହିବା ପରି ଦେୟ ଗୁଡ଼ିକର ଶୁଳ୍କ ବସାଣ ଓ ସେଗୁଡ଼ିକର ସଂଗ୍ରହ ପାଇଁ ବ୍ୟବସ୍ଥା ପ୍ରଦାନ କରିଥାଏ ।*

*ଅବକାରୀ ଅଧୀକ୍ଷକମାନେ ଶୁଳ୍କ ବସାଣ କାର୍ଯ୍ୟ ସଂପାଦନ କରିବା ପୂର୍ବରୁ କିଛି ମାମଲାରେ ଉପରୋକ୍ତ ବ୍ୟବସ୍ଥାଗୁଡ଼ିକର ଅନୁପାଳନ କରିନଥିଲେ । ଫଳସ୍ୱରୂପ ନିମ୍ନମତେ ଦିଆଯାଇଥିବା ଅବକାରୀ ଶୁଳ୍କ/ ଫି, ଜୋରିମାନା ଇତ୍ୟାଦିର ଅଣଅସୁଲ ଏବଂ ଅନାଦାୟ ହୋଇଥିଲା ।*

55 ପ୍ରତିଷ୍ଠାନ ଖର୍ଚ୍ଚ, ଅଧିକାଳିକ ଫି ଏବଂ ଅତିରିକ୍ତ ସମୟ ଚାଲୁ ରହିବା ଖର୍ଚ୍ଚ ଇତ୍ୟାଦିର ଅନାଦାୟ ।

### 3.5.1 ଦେଶୀ ମଦ, ଭାରତୀୟ ପ୍ରସ୍ତୁତ ବିଦେଶୀ ମଦ ଏବଂ ବିଅରର ସ୍ୱଳ୍ପ ଉଠାଣ ଉପରେ ଅବକାରୀ ଶୁଳ୍କ ସହ ଜୋରିମାନା

**ଜିଲ୍ଲା ଅବକାରୀ ଅଧିକାରୀ କାର୍ଯ୍ୟାଳୟ ଗୁଡ଼ିକ ତରଫରୁ ଲାଇସେନ୍ସଧାରୀମାନଙ୍କ ବିରୁଦ୍ଧରେ ଦାବି ଉତ୍ଥାପନ କରିବାରେ ବିଫଳ ହୋଇଥିଲେ ଯେଉଁମାନେ କି ସର୍ବନିମ୍ନ ଗ୍ୟାରେଣ୍ଟି ପରିମାଣର ଦେଶୀ ମଦ, ଭାରତୀୟ ପ୍ରସ୍ତୁତ ବିଦେଶୀ ମଦ ଓ ବିଅରର ଉଠାଣ କରି ନଥିଲେ ଯାହାଫଳରେ 8.31 କୋଟି ଟଙ୍କା ମୂଲ୍ୟର ଅବକାରୀ ଶୁଳ୍କ ଓ ଜୋରିମାନା ଅନାଦାୟ ହୋଇ ରହିଥିଲା ।**

ଓଡ଼ିଶା ଅବକାରୀ ନିୟମାବଳୀ, 2017 ନିୟମ 34 ଅନୁଯାୟୀ, ନିର୍ଦ୍ଦିଷ୍ଟ ବର୍ଷ ପାଇଁ ସରକାରଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଦେଶୀ ମଦ (ସିଏଲ୍), ଭାରତୀୟ ପ୍ରସ୍ତୁତ ବିଦେଶୀ ମଦ (ଆଇଏମ୍ଏଫ୍ଏଲ୍) ଓ ବିଅରର ସର୍ବନିମ୍ନ ଗ୍ୟାରେଣ୍ଟି ପରିମାଣ (ଏମ୍ଜିକ୍ୟୁ) ନିଲାମଧାରୀ କିମ୍ବା ବିତରକଙ୍କ ଦ୍ୱାରା ଖୁଚୁରା ବିକ୍ରୟ ପାଇଁ ପାତନଶାଳା, ଗୋଦାମ କିମ୍ବା ଡିପୋରୁ ଉଠାଣ ଓ ପରିବହନ ପାଇଁ ଗ୍ୟାରେଣ୍ଟି ଦିଆଯାଇଥିବା ଉଚିତ । ଲାଇସେନ୍ସଧାରୀ ଲାଇସେନ୍ସ ସମାପ୍ତ ଅବଧି ଯାହାକି ମାର୍ଚ୍ଚ ମାସ ଶେଷ ଦିନ ପୂର୍ବରୁ ସମ୍ପୂର୍ଣ୍ଣ ବର୍ଷ ପାଇଁ ସିଏଲ୍ର ସମସ୍ତ ଏମ୍ଜିକ୍ୟୁ ଉଠାଇ ପାରିବେ । ପୂର୍ବ ମାସରେ ହୋଇଥିବା ଅଧିକ ଅର୍ଜିତ ଏମ୍ଜିକ୍ୟୁ ପରବର୍ତ୍ତୀ ମାସରେ ହୋଇଥିବା ସ୍ୱଳ୍ପ ଅର୍ଜିତ ଏମ୍ଜିକ୍ୟୁ ତୁଳନାରେ ନିୟନ୍ତ୍ରିତ କରାଯିବ । କଲେକ୍ଟର, କୌଣସି ବିଶେଷ କାରଣ ପାଇଁ, ଲାଇସେନ୍ସଧାରୀମାନଙ୍କୁ ପୂର୍ବମାସର ସ୍ୱଳ୍ପ ଅର୍ଜିତ ଏମ୍ଜିକ୍ୟୁ, ମାର୍ଚ୍ଚ ମାସ ବ୍ୟତୀତ, ପରବର୍ତ୍ତୀ ମାସମାନଙ୍କରେ ଉଠାଣ ପାଇଁ ଅନୁମତି ଦେଇପାରିବେ । ବିଫଳ କ୍ଷେତ୍ରରେ, ବାର୍ଷିକ ନିଅଣ୍ଟ ପରିମାଣ ଉପରେ ଅବକାରୀ ଶୁଳ୍କ (ଇଡି) ସହିତ ବର୍ଷ ଶେଷର ନିଅଣ୍ଟିଆ ରାଶି ଉପରେ 10 ପ୍ରତିଶତ ଜୋରିମାନା ଆଦାୟ କରାଯିବ । ବାର୍ଷିକ ଅବକାରୀ ନୀତି (ଏଇପି) 2018-19 ଅନୁଯାୟୀ ସିଏଲ୍, ଆଇଏମ୍ଏଫ୍ଏଲ୍ ଏବଂ ବିଅର ଉପରେ ଇଡି ଯଥାକ୍ରମେ 126 ଟଙ୍କା[56] ପ୍ରତି ଏଲ୍ପିଏଲ୍[57], 384 ଟଙ୍କା[58] ପ୍ରତି ଏଲ୍ପିଏଲ୍ ଏବଂ 50 ଟଙ୍କା[59] ପ୍ରତି ବିଏଲ୍[60] ଥିଲା ।

**ମାମଲା I:** ଅଡିଟ୍ 31ଟି ଜିଲ୍ଲା ଅବକାରୀ କାର୍ଯ୍ୟାଳୟ (ଡିଇଓ) ମଧ୍ୟରୁ 16ଟିରେ ନଥିପତ୍ର ଯାଞ୍ଚ (ମେଇ 2019 ରୁ ଫେବୃଆରୀ 2020) କରିଥିଲେ ଏବଂ ଦେଖିଲେ ଯେ ଦୁଇଟି ଡିଇଓରେ ଦୁଇଜଣ ଲାଇସେନ୍ସଧାରୀ 2018-19 ବର୍ଷରେ 1,80,000 ଏଲ୍ପିଏଲ୍ ତୁଳନାରେ 53,008.50 ଏଲ୍ପିଏଲ୍ ଦେଶୀମଦ ଉଠାଣ କରିଛନ୍ତି । ସେଥିପାଇଁ ଲାଇସେନ୍ସଧାରୀ 1,26,991.50 ଏଲ୍ପିଏଲ୍ର ସ୍ୱଳ୍ପ ଉଠାଣ ଉପରେ ଜୋରିମାନା ସହିତ 1.76 କୋଟି[61] ଟଙ୍କା ମୂଲ୍ୟର ଅବକାରୀ ଶୁଳ୍କ ଦେବେ ଯାହାକି ନିମ୍ନ **ସାରଣୀ 3.2** ରେ ବିସ୍ତୃତ ଭାବେ ଦର୍ଶାଯାଇଛି ।

**ସାରଣୀ 3.2: ଦେଶୀମଦର ସ୍ୱଳ୍ପ ଉଠାଣ ଉପରେ ଅବକାରୀ ଶୁଳ୍କ ଏବଂ ଜୋରିମାନା ଅନାଦାୟ**

| ଅବକାରୀ ଅଧିକ୍ଷକଙ୍କ ନାମ | ଦେଶୀମଦ ଦୋକାନର ନାମ | ସ୍ଥିରୀକୃତ ମାସିକ ଏମ୍ଜିକ୍ୟୁ | ବାର୍ଷିକ ଏମ୍ଜିକ୍ୟୁ | ବର୍ଷ ମଧ୍ୟରେ ଉଠିଥିବା ଏମ୍ଜିକ୍ୟୁ | କମ ଉଠାଣ ଏମ୍ଜିକ୍ୟୁ | ଇଡି ଦେୟ (ଏଲ୍ପିଏଲ୍ ପ୍ରତି 126 ଟଙ୍କା) | ଜୋରିମାନା | ସମୁଦାୟ ଇଡି ଏବଂ ଜୋରିମାନା ଦେୟ | ପ୍ରାପ୍ତ ଇଡି | ଦେୟଯୋଗ୍ୟ ସମୁଦାୟ ଇଡି ଏବଂ ଜୋରିମାନା |
|---|---|---|---|---|---|---|---|---|---|---|
| (ଏଲ୍ପିଏଲ୍ରେ) | | | | | | (ଟଙ୍କାରେ) | | | | |
| ଏସଇ, କଟକ | ମଙ୍ଗଳାବାଗ | 12000 | 144000 | 17415.00 | 126585.00 | 15949710 | 1594971 | 17544681 | 0 | 17544681 |
| ଏସଇ, କେନ୍ଦ୍ରାପଡା | ଆଳି ସିଏଲ୍ ଦୋକାନ | 3000 | 36000 | 35593.50 | 406.50 | 51219 | 5122 | 56341 | 0 | 56341 |
| | **ମୋଟ** | **15000** | **180000** | **53008.50** | **126991.50** | **16000929** | **1600093** | **17601022** | **0** | **17601022** |

[56] ଅବକାରୀ ଶୁଳ୍କ = ନିର୍ଦ୍ଦିଷ୍ଟ ଶୁଳ୍କ + ମୂଲ୍ୟଯୁକ୍ତ ଶୁଳ୍କ, (ଅବତରଣ ମୂଲ୍ୟର 20 ପ୍ରତିଶତ) ସହିତ ସମାନ ଅଟେ । ନିର୍ଦ୍ଦିଷ୍ଟ ଶୁଳ୍କ 100 ଟଙ୍କା । ତିନୋଟି ଏଲ୍ପିଏଲ୍ ସିଏଲ୍ର ଅବତରଣ ମୂଲ୍ୟ 390 ଟଙ୍କା ଅଟେ । ତେଣୁ ଗୋଟିଏ ଏଲ୍ପିଏଲ୍ର ଅବତଦରଣ ମୂଲ୍ୟ 130 ଟଙ୍କା । ଗୋଟିଏ ଏଲ୍ପିଏଲ୍ ସିଏଲର ଅବତରଣ ମୂଲ୍ୟର ମୂଲ୍ୟଯୁକ୍ତ ଶୁଳ୍କ 26 ଟଙ୍କା (130 ଟଙ୍କା x 20 ପ୍ରତିଶତ) ହିସାବ ହୋଇଛି । ସମୁଦାୟ 126 ଟଙ୍କା ଅଟେ ।

[57] ଲଣ୍ଡନ ପ୍ରୁଫ୍ ଲିଟର (ଏଲ୍ପିଏଲ୍) – 'ଡିଗ୍ରୀ ପ୍ରୁଫ୍' ଅନୁଯାୟୀ ମପା ଯାଇଥିବା ମାଦକ ଦ୍ରବ୍ୟର ଶକ୍ତି । ଏହିପରି ମାଦକ ଦ୍ରବ୍ୟର 13 ଟି ଅଂଶର ଓଜନ 51 ଡିଗ୍ରୀ ଏଫରେ 12 ଭାଗ ଜଳ ସହିତ ସମାନକୁ 100 ଡିଗ୍ରୀ ପ୍ରମାଣ ଦିଆଯାଏ ।

[58] ଏଲ୍ପିଏଲ୍ ପ୍ରତି ନିର୍ଦ୍ଦିଷ୍ଟ ଶୁଳ୍କ = 360 ଟଙ୍କା + ମୂଲ୍ୟଯୁକ୍ତ ଶୁଳ୍କ ଯାହା ଅବତରଣ ମୂଲ୍ୟର 50 ପ୍ରତିଶତ (319.04/ 6.75) x 50 ପ୍ରତିଶତ = 24 ଟଙ୍କା (23.63) । ସମୁଦାୟ 384 ଟଙ୍କା ।

[59] ବଲ୍କ ଲିଟର (ବିଏଲ୍) – ଅନ୍ତର୍ଗତ ବସ୍ତୁର ପ୍ରଧାନ ଅଂଶ ବା ପରିମାଣକୁ ଦର୍ଶାଇ ଏକ ଲିଟର

[60] ବିଏଲ୍ ପ୍ରତି ନିର୍ଦ୍ଦିଷ୍ଟ ଶୁଳ୍କ = 35 ଟଙ୍କା ଏବଂ ମୂଲ୍ୟଯୁକ୍ତ ଶୁଳ୍କ ଯାହା ଅବତରଣ ମୂଲ୍ୟର 40 ପ୍ରତିଶତ (315.71/ 7.8) x 40 ପ୍ରତିଶତ = 15 ଟଙ୍କା । ସମୁଦାୟ 50 ଟଙ୍କା ।

[61] ଏଲ୍ପିଏଲ୍ ପ୍ରତି 126 ଟଙ୍କା ହିସାବରେ 1,26,991 ଏଲ୍ପିଏଲ୍ ପାଇଁ ଇଡି 1.6 କୋଟି ଟଙ୍କା ଓ ଜୋରିମାନା 16 ଲକ୍ଷ ଟଙ୍କା ଯାହା ଇଡିର 10 ପ୍ରତିଶତ

ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ 2018-19 ବର୍ଷରେ ପାଞ୍ଚଟି ଡିଇଓରେ 24 ଜଣ ଲାଇସେନ୍ସଧାରୀ ସେମାନଙ୍କ ଦୋକାନ ପାଇଁ ମାର୍ଚ୍ଚ 2019 ସୁଦ୍ଧା ନିର୍ଦ୍ଧାରିତ ହୋଇଥିବା 2,46,804 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ଏବଂ 11,69,479 ବିଏଲ୍ ବିଅର ତୁଳନାରେ 1,58,874.47 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ଏବଂ 8,13,449.30 ବିଏଲ୍ ବିଅର ଉଠାଣ ସହିତ 87,929.53 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ଏବଂ 3,56,029.70 ବିଏଲ୍ ବିଅରର ସ୍ୱଳ୍ପ ଉଠାଣ କରିଥିଲେ । ଯେଉଁଥିପାଇଁ ଲାଇସେନ୍ସଧାରୀମାନଙ୍କୁ ଏମ୍‌ଜିକ୍ୟୁ ସ୍ୱଳ୍ପ ଉଠାଣ ଉପରେ 5.67 କୋଟି ଟଙ୍କାର ଅବକାରୀ ଶୁଳ୍କ ସହିତ ଜୋରିମାନା ଦେବାକୁ ପଡ଼ିବ ଯାହା ସାରଣୀ **3.3** ରେ ଦିଆଯାଇଛି ।

**ସାରଣୀ 3.3: ଆଇଏମ୍‌ଏଫ୍‌ଏଲ୍ ଏବଂ ବିଅର ସ୍ୱଳ୍ପ ଉଠାଣ ଉପରେ ଅବକାରୀ ଶୁଳ୍କ ଏବଂ ଜୋରିମାନାର ଅନାଦାୟ**

| ଡିଇଓଙ୍କ ନାମ | ଦୋକାନ ସଂଖ୍ୟା | ମାର୍ଚ୍ଚ **2019** ପର୍ଯ୍ୟନ୍ତ ସ୍ଥିରିକୃତ ଏମ୍‌ଜିକ୍ୟୁ | | ମାର୍ଚ୍ଚ **2019** ପର୍ଯ୍ୟନ୍ତ ମୋଟ ଉଠାଣ ପରିମାଣ | | ଉଠାଣର କମ୍‌ତି | | ସମୁଦାୟ ଅବକାରୀ ଶୁଳ୍କ ଜଡିତ (ଟଙ୍କାରେ) | | ମୋଟ (ଟଙ୍କାରେ) | ଜୋରିମାନା (ଟଙ୍କାରେ) | ଆଦାୟ ହେବାକୁ ଥିବା ମୋଟ ରାଜସ୍ୱ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| | | ଆଇଏମ୍ ଏଫ୍‌ଏଲ୍ (ଏଲପିଏଲ) | ବିଅର (ବିଏଲ) | ଆଇଏମ୍ ଏଫ୍‌ଏଲ୍ (ଏଲପିଏଲ) | ବିଅର (ବିଏଲ) | ଆଇଏମ୍ ଏଫ୍‌ଏଲ୍ (ଏଲପିଏଲ) | ବିଅର (ବିଏଲ) | ଆଇଏମ୍ ଏଫ୍‌ଏଲ୍ | ବିଅର | | | |
| ମୟୁରଭଞ୍ଜ | 13 | 63000 | 612000 | 47712.14 | 463412.20 | 15287.86 | 148587.80 | 5870537 | 7429390 | 13299927 | 1329993 | 14629920 |
| କଟକ | 3 | 136500 | 256936 | 100434.10 | 111520.40 | 36065.90 | 145415.60 | 13849297 | 7270752 | 21120049 | 2112005 | 23232054 |
| ଫୁଲବାଣୀ | 1 | 42000 | 60000 | 6417.77 | 9844.80 | 35582.23 | 50155.20 | 13663578 | 2507760 | 16171338 | 1617134 | 17788472 |
| ଖୋର୍ଦ୍ଧା | 4 | 5304 | 543 | 4310.46 | 273.00 | 993.54 | 270.00 | 381520 | 13500 | 395020 | 39502 | 434522 |
| ବ୍ରହ୍ମପୁର | 3 | 0 | 240000 | 0 | 228398.90 | 0 | 11601.10 | 0 | 580058 | 580058 | 58006 | 638064 |
| **ମୋଟ** | **24** | **246804** | **1169479** | **158874.47** | **813449.30** | **87929.53** | **356029.70** | **33764932** | **17801460** | **51566392** | **5156640** | **56723032** |
| ସାରଣୀ **1** ଏବଂ **2** ଅନୁଯାୟୀ ସିଏଲ୍, ଆଇଏମ୍‌ଏଫ୍‌ଏଲ୍ ଏବଂ ବିଅର୍ ପାଇଁ ମୋଟ ଅବକାରୀ ଶୁଳ୍କ ଦେୟ | | | | | | | | | | | | **74324054** |

ଯେହେତୁ ସିଏଲ୍, ଆଇଏମ୍‌ଏଫ୍‌ଏଲ୍ ଏବଂ ବିଅର ଏମ୍‌ଜିକ୍ୟୁର ସ୍ୱଳ୍ପ ଉଠାଣ ଉପରେ ଲାଇସେନ୍ସଧାରୀମାନଙ୍କ ଉପରେ ଡିଇଓମାନେ ଦାବି ଉତ୍ଥାପନ କରିବାରେ ବିଫଳ ହୋଇଥିଲେ 7.43 କୋଟି ଟଙ୍କାର ଇଡି ଏବଂ ଜୋରିମାନା ଅଗଷ୍ଟ 2020 ସୁଦ୍ଧା ଅନାଦାୟ ରହିଥିଲା ।

ଏ ବିଷୟରେ ଓଡ଼ିଶା ସରକାରଙ୍କୁ ମଇ 2021ରେ ଅବଗତ କରାଯାଇଥିଲା । ଉତ୍ତର ପ୍ରତୀକ୍ଷିତ (ସେପ୍ଟେମ୍ବର 2021) ରହିଛି ।

ମାମଲା **II:** ଅଡିଟ୍ ଦେଖିଲେ ଯେ ଡିଇଓ, ସୁନ୍ଦରଗଡ଼ ଏକ ଆଇଏମ୍‌ଏଫ୍‌ଏଲ୍ ଠିପିବନ୍ଦ ମଦଦୋକାନକୁ ଲଟେରୀ ମାଧ୍ୟମରେ ଲାଇସେନ୍ସ ପ୍ରଦାନ କରିଥିଲେ । ଦୋକାନଟିର 31 ମାର୍ଚ୍ଚ 2019 ପର୍ଯ୍ୟନ୍ତ କାର୍ଯ୍ୟକାରିତା ପାଇଁ ଡିଇଓ ଲାଇସେନ୍ସ ପ୍ରଦାନ (15 ମଇ 2018) କରିଥିଲେ ଏବଂ ମାସକୁ 5,250 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ଏବଂ 7,500 ବିଏଲ୍ ବିଅର ଉଠାଣ ପାଇଁ ଏମ୍‌ଜିକ୍ୟୁ ସ୍ଥିର କରିଥିଲେ । କିନ୍ତୁ, ଲାଇସେନ୍ସଧାରୀ ଜନସାଧାରଣଙ୍କ ଆପତ୍ତି ଯୋଗୁଁ ଲାଇସେନ୍ସ ପ୍ରଦାନର ଦିନ ଠାରୁ 5 ସେପ୍ଟେମ୍ବର 2018 (ପ୍ରାୟ ଚାରିମାସ) ପର୍ଯ୍ୟନ୍ତ ତାଙ୍କ ଦୋକାନ ଖୋଲି ପାରିନଥିଲେ । ଏହା ବ୍ୟତୀତ ଲାଇସେନ୍ସଧାରୀ ମଧ୍ୟ ଲାଇସେନ୍ସର ସମାପ୍ତି ପର୍ଯ୍ୟନ୍ତ ଆଇଏମ୍‌ଏଫ୍‌ଏଲ୍ (36,265.159 ଏଲ୍‌ପିଏଲ୍) ଏବଂ ବିଅର (59,111.904 ବିଏଲ୍) ଏମ୍‌ଜିକ୍ୟୁର ଉଠାଣ କରିପାରିନଥିଲେ ଯେଉଁଥିପାଇଁ ଲାଇସେନ୍ସଧାରୀଙ୍କୁ ଏମ୍‌ଜିକ୍ୟୁର ସ୍ୱଳ୍ପ ଉଠାଣ ବାବଦରେ ଅବକାରୀ ଶୁଳ୍କ ଏବଂ ଜୋରିମାନା ଦେବାକୁ ଥିଲା ।

ଅବକାରୀ ଅଧୀକ୍ଷକ (ଏସ୍‌ଇ) ସୁନ୍ଦରଗଡ଼ ମାର୍ଚ୍ଚ 2019 ରେ ଲାଇସେନ୍ସର ବୈଧ୍ୟତା ସମୟ ଯାହାକି 31 ମାର୍ଚ୍ଚ 2019 ମଧ୍ୟରେ ଉଠାଣ ହୋଇନଥିବା ଏମ୍‌ଜିକ୍ୟୁର ଉଠାଣ ପାଇଁ ଲାଇସେନ୍ସଧାରୀଙ୍କ ବିରୁଦ୍ଧରେ ଚାର୍ଜସିଟ ଦାଖଲ କରିଥିଲେ । ଲାଇସେନ୍ସଧାରୀ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଚାର୍ଜସିଟ୍‌କୁ ଚ୍ୟାଲେଞ୍ଜ କରି ଏକ ରିଟ ପିଟିସନ ଦାଖଲ କରିଥିଲେ । ଏହି ମାମଲାର ଫଇସଲା (ମାର୍ଚ୍ଚ 2019) ବେଳେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଲାଇସେନ୍ସଧାରୀଙ୍କୁ 10 ଦିନ ମଧ୍ୟରେ ଅବକାରୀ କମିଶନରଙ୍କ (ଇସି) ସମ୍ମୁଖରେ ପ୍ରତିବେଦନ କରିବାକୁ ସ୍ୱାଧୀନତା ପ୍ରଦାନ କରିଥିଲେ ଯାହାକି 30 ଅପ୍ରେଲ 2019 ସୁଦ୍ଧା କାର୍ଯ୍ୟକାରୀ ହେବାର ଥିଲା । ଏହାପରେ, ଲାଇସେନ୍ସଧାରୀ 2018-19 ବର୍ଷ ଏମ୍‌ଜିକ୍ୟୁର ସ୍ୱଳ୍ପ ଉଠାଣ ଉପରେ 10 ଅପ୍ରେଲ 2019 ରେ ଅବକାରୀ ଶୁଳ୍କଛାଡ଼ ପାଇଁ ଅବକାରୀ କମିଶନରଙ୍କ ସମ୍ମୁଖରେ ପ୍ରତିବେଦନ ଦାଖଲ କରିଥିଲେ ।

ଏହାର ଜବାବରେ, ଇସି, ସରକାରଙ୍କୁ ଏମ୍‌ଜିକ୍ୟୁର ସ୍ୱଳ୍ପ ଉଠାଣ ଉପରେ ଶୁଳ୍କ ଛାଡ଼ର ନିଷ୍ପତ୍ତି ନେବାପାଇଁ ଏମ୍‌ଜିକ୍ୟୁ ସହିତ ଇଡି ପରିମାଣର କେବଳ 2018-19 ରେ ବନ୍ଦ ସମୟ ପାଇଁ (15 ମଇ 2018 ରୁ 5 ସେପ୍ଟେମ୍ବର 2018) ହିସାବ କରିବାକୁ ଏସି, ସୁନ୍ଦରଗଡ଼ଙ୍କୁ ନିର୍ଦ୍ଦେଶ (7 ଅଗଷ୍ଟ 2019) ଦେଇଥିଲେ । ଇସି ମଧ୍ୟ 6 ସେପ୍ଟେମ୍ବର 2018 ରୁ ମାର୍ଚ୍ଚ 2019 ମଧ୍ୟରେ ହୋଇଥିବା ଏମ୍‌ଜିକ୍ୟୁର ସ୍ୱଳ୍ପ ଉଠାଣ ପୃଥକ ଭାବେ ହିସାବ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁସାରେ, ବନ୍ଦ ରହିଥିବା ସମୟ ପାଇଁ 19,504.033 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ଏବଂ 27,862 ବିଏଲ୍ ବିଅର ଏମ୍‌ଜିକ୍ୟୁର ଅଭାବ ଜନିତ 97.71 ଲକ୍ଷ ଟଙ୍କାର ଇଡି ହିସାବ କରିଥିଲେ ଏବଂ 13 ଡିସେମ୍ବର 2019 ରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଇସିଙ୍କୁ ଜଣାଇଥିଲେ । ଏହା ବ୍ୟତୀତ ଏସ୍‌ଇ ମଧ୍ୟ ହିସାବ କରିଥିଲେ ଯେ ଲାଇସେନ୍ସଧାରୀ 2018-19 ବର୍ଷର ବାକିଥିବା ସମୟ ମଧ୍ୟରେ 16,761.126 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ଏବଂ 31,249 ବିଏଲ୍ ବିଅରର ଅଭାବି ଉଠାଣ ସହିତ ସ୍ଥିର ହୋଇଥିବା ଏମ୍‌ଜିକ୍ୟୁ 35,875 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ଏବଂ 51,250 ବିଏଲ୍ ବିଅର ତୁଳନାରେ 19,113.874 ଏଲ୍‌ପିଏଲ୍ ଆଇଏମ୍‌ଏଫ୍‌ଏଲ୍ ଏବଂ 20,001 ବିଏଲ୍ ବିଅର ଉଠାଇଥିଲେ । ଆଇଏମ୍‌ଏଫ୍‌ଏଲ୍ ଏବଂ ବିଅରର ଅଭାବି ଏମ୍‌ଜିକ୍ୟୁ ଉପରେ ହିସାବ ହୋଇଥିବା 87.99 ଲକ୍ଷ ଟଙ୍କାର ଅବକାରୀ ଶୁଳ୍କ ଏବଂ ଜୋରିମାନା **ପରିଶିଷ୍ଟ-II** ରେ ଦର୍ଶାଯାଇଛି ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଇସି, ସରକାରଙ୍କୁ ବନ୍ଦ ରହିଥିବା ସମୟ ପାଇଁ ଏମ୍‌ଜିକ୍ୟୁର ସ୍ୱଳ୍ପ ଉଠାଣ ବାବଦରେ ଇଡି ଏବଂ 97.71 ଲକ୍ଷ ଟଙ୍କାର ଶୁଳ୍କ ଛାଡ଼ ଉପରେ ନିଷ୍ପତ୍ତି ନେବାକୁ ଜଣାଇବାରେ ବିଫଳ ହୋଇଥିଲେ । ପୁନଶ୍ଚ, ଏସ୍‌ଇ, ସୁନ୍ଦରଗଡ଼ ପରବର୍ତ୍ତୀ ଅବଧି ପାଇଁ 87.99 ଲକ୍ଷ ଟଙ୍କାର ଦାବି ଉଠାଇନଥିଲେ କିମ୍ବା ବକେୟା ଦେୟ ସଂଗ୍ରହ କରିବାକୁ ଇସିଙ୍କ ଦ୍ୱାରା ଏସଇଙ୍କୁ ନିର୍ଦ୍ଦେଶ ଦିଆଯାଇନଥିଲା ଯେଉଁଥିପାଇଁ ଅବକାରୀ ରାଜସ୍ୱ ଯଥେଷ୍ଟ ସମୟ ପର୍ଯ୍ୟନ୍ତ ଅନାଦାୟ ରହିଥିଲା । ଏପରି ଅଭାବନୀୟ ଆଭିମୁଖ୍ୟ ହେତୁ 30 ଅପ୍ରେଲ 2019 ସୁଦ୍ଧା ମାମଲାର ସମାଧାନ କରିବାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ପାଳନ କରାଯାଇପାରି ନଥିଲା ।

ଉତ୍ତରରେ ଡିଇଓ, ସୁନ୍ଦରଗଡ଼ ଦର୍ଶାଇଲେ ଯେ ଏମ୍‌ଜିକ୍ୟୁର ଅଭାବି ଉଠାଣ ବିଷୟରେ ଆବଶ୍ୟକୀୟ ସୂଚନା ଇସିଙ୍କ ପାଖକୁ ତାଙ୍କର ଆବଶ୍ୟକୀୟ ପଦକ୍ଷେପ ପାଇଁ ପଠାଯାଇଛି । ଏହି ବିଷୟରେ ଓଡ଼ିଶା ସରକାରଙ୍କୁ ଜୁନ୍ 2021 ରେ ଜଣାଇ ଦିଆଯାଇଥିଲା । ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଛି (ସେପ୍ଟେମ୍ବର 2021) ।

### 3.5.2 ଅତିରିକ୍ତ ସମୟ ଚାଲୁ ରହିବା ବାବଦରେ ଖର୍ଚ୍ଚର ଅନାଦାୟ

**ଅନଧିକୃତ ଅତିରିକ୍ତ ସମୟ ଚାଲୁରହିବା ବାବଦରେ ଡିଇଓ, ଗଞ୍ଜାମ ଦାବି ଉଠାଇବାରେ ବିଫଳତା ଯୋଗୁଁ ଏକ ଖିଲାପକାରୀ ପାତନଶାଳାରୁ ଅବକାରୀ ଶୁଳ୍କ ବାବଦରେ 51.09 ଲକ୍ଷ ଟଙ୍କାର ସରକାରୀ ରାଜସ୍ୱ ଅନାଦାୟ ।**

ଓଡ଼ିଶା ଅବକାରୀ ନିୟମାବଳୀ, 2017 ର ନିୟମ 79(2), (3) ଏବଂ (5) ଅନୁଯାୟୀ, କୌଣସି ପାତନଶାଳା ବା ଅନ୍ୟାନ୍ୟ ଉତ୍ପାଦନ ୟୁନିଟର ଲାଇସେନ୍ସଧାରୀ ଏହାର କାର୍ଯ୍ୟ ପରିଚାଳନା ଏପରି କରିବେ ଯାହାଦ୍ୱାରା କୌଣସି ଅବକାରୀ ଅଧିକାରୀ କିମ୍ବା ତାଙ୍କର କୌଣସି କର୍ମଚାରୀ ପ୍ରତିଦିନ ପ୍ରତି କାର୍ଯ୍ୟପାଳିର ନିର୍ଦ୍ଧାରିତ ସମୟ ଆଠଘଣ୍ଟାରୁ ଅଧିକ ସମୟ ଡ୍ୟୁଟିରେ ରହିବେ ନାହିଁ । ଯଦି ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ଆଠ ଘଣ୍ଟାର ଦ୍ୱିତୀୟ ପାଳି ଚଳାଇବା ଆବଶ୍ୟକ ହୁଏ ତେବେ ସେ କେବଳ କମିଶନରଙ୍କ ଅନୁମତି କ୍ରମେ ତାହା କରିପାରିବେ । ସେମାନଙ୍କର ପାତନଶାଳା, ମଦଭାଟି ଓ ବୋତଲ ପ୍ରସ୍ତୁତ ୟୁନିଟକୁ ନିର୍ଦ୍ଧାରିତ ସମୟପରେ ଅତିରିକ୍ତ ସମୟ ଚାଲୁରଖିବା ପାଇଁ ଘଣ୍ଟାପ୍ରତି 3,000 ଟଙ୍କା ରାଜ୍ୟ ସରକାରଙ୍କୁ ପଇଠ କରିବେ, ଏହାସହିତ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅନୁଯାୟୀ ଅବକାରୀ କର୍ମଚାରୀଙ୍କୁ ଅଧିକାଳିତ ଫି ପ୍ରଦାନ କରିବେ ।

ଅଡିଟ୍, 31ଟି ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ମଧ୍ୟରୁ 16 ଟି କାର୍ଯ୍ୟାଳୟରେ ଥିବା ସଂପର୍କିତ ନଥିପତ୍ର ଯାଞ୍ଚକରି ଦେଖିଲେ ଯେ, ଅପ୍ରେଲ 2018 ରୁ ମାର୍ଚ୍ଚ 2019 ମଧ୍ୟରେ ଡିଇଓ, ଗଞ୍ଜାମ ଅଧିନରେଥିବା ଗୋଟିଏ[62] ପାତନଶାଳା କମିଶନରଙ୍କ ପୂର୍ବ ଅନୁମତି ବିନା ନିର୍ଦ୍ଧାରିତ ସମୟ ପରେ 1,703 ଅତିରିକ୍ତ ସମୟ ଚାଲୁରଖିଥିଲେ । ତେଣୁ ପାତନଶାଳାଟି ଉପରୋକ୍ତ ଅତିରିକ୍ତ୍ ସମୟ ଚାଲୁ ରଖିବା ଖର୍ଚ୍ଚ ବାବଦରେ ଘଣ୍ଟାପ୍ରତି 3,000 ଟଙ୍କା ହାରରେ 51.09 ଲକ୍ଷ ଟଙ୍କା ଦେୟ ଦେବାକୁ ଦାୟୀ ଥିଲା । ଯେହେତୁ ଡିଇଓ ପାତନଶାଳା ବିରୋଧରେ ଉପରୋକ୍ତ ଅବକାରୀ ରାଜସ୍ୱ ହାସଲ ପାଇଁ କୌଣସ ଦାବି ଉଠାଇନଥିଲେ ପାତନଶାଳାଟି ଅଡିଟ୍ ତାରିଖ (ସେପ୍ଟେମ୍ବର 2019) ପର୍ଯ୍ୟନ୍ତ ସରକାରୀ ଜମା (ଆକାଉଣ୍ଟ)ରେ ଏହି ଦେୟ ଜମା କରିନଥିଲେ । ତେଣୁ, ଅତିରିକ୍ତ ସମୟ ଚାଲୁରହିବା ବାବଦରେ 51.09 ଲକ୍ଷ ଟଙ୍କା ଦେୟ ଅନାଦାୟ ରହିଥିଲା ।

ଏହାର ଉତ୍ତରରେ, ଡିଇଓ, ଗଞ୍ଜାମ ଦର୍ଶାଇଲେ ଯେ ଅତିରିକ୍ତ ସମୟ ଚାଲୁରହିବା ବାବଦରେ ଦେୟ ଜମା କରିବା ପାଇଁ ପାତନଶାଳା ଉପରେ ଦାବି ଉଠାଯିବ । ରାଜ୍ୟ ସରକାରଙ୍କୁ ଏହି ବିଷୟରେ ମଇ 2021 ରେ ଅବଗତ ଯାଇଥିଲା । ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଛି (ସେପ୍ଟେମ୍ବର 2021) ।

### 3.5.3 ଜମି ମାଲିକମାନଙ୍କ ସହିତ ପଞ୍ଜୀକୃତ ନକରି ଚୁକ୍ତିନାମା ଦାଖଲ କରିବା ଉପରେ ଫି ର ଅନାରୋପଣ

**ଅପଞ୍ଜୀକୃତ ଜମି ଚୁକ୍ତିନାମା ଦାଖଲ ବାବଦରେ ଅଧିକ୍ଷକମାନେ 45.50 ଲକ୍ଷ ଟଙ୍କା ଫି ର ଦାବି ଉପସ୍ଥାପନ କରିନଥିଲେ ।**

ଓଡ଼ିଶା ଅବକାରୀ ନିୟମାବଳୀ 2017 ର ନିୟମ 51 ଅନୁଯାୟୀ ବିଦେଶୀ ମଦ/ ଆଇଏମ୍ଏଫ୍ଏଲ୍/ ବିଅର (ଖୋଲା) ଦୋକାନଗୁଡ଼ିକ ପାଇଁ ଆବେଦନ ଫର୍ମ XI B ରେ କେବଳ ହୋଟେଲ କିମ୍ବା ରେଷ୍ଟୁରାଣ୍ଟ ଥିବା ବ୍ୟକ୍ତିଙ୍କ ଦ୍ୱାରା ଦାଖଲ କରାଯିବ । ଆବେଦନ ପତ୍ର ସହିତ ସହଗାମୀ ହେଉଥିବା ଦସ୍ତାବିଜ ଗୁଡ଼ିକ ହେଲା - (କ) ଜମି ଓ କୋଠାର ମାଲିକାନା ସମ୍ବନ୍ଧୀୟ ପ୍ରମାଣ ପତ୍ର (ଖ) ଯଦି ଦୋକାନଟି ଏକ ଭଡ଼ା ଘରେ କାର୍ଯ୍ୟ କରିବାକୁ ପ୍ରସ୍ତାବ ଦିଆଯାଇଛି ତେବେ ପଞ୍ଜୀକୃତ ଚୁକ୍ତିନାମା ସହିତ ଜମି ଓ କୋଠାର ସବିଶେଷ ବିବରଣୀ କିମ୍ବା ଜମି ବା ଘରକୁ ଭଡାରେ ଦେବା ପାଇଁ ଘର ମାଲିକଙ୍କ ସହିତ ଏକ ପଞ୍ଜୀକୃତ ଚୁକ୍ତିନାମା (ଗ) ଯେଉଁଠି କୌଣସି ଚୁକ୍ତିନାମା ନାହିଁ, ରାଜ୍ୟ ସରକାରଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ ହୋଇଥିଲେ ପଞ୍ଜୀକୃତ ଚୁକ୍ତିନାମା କାର୍ଯ୍ୟକାରୀ କରିବାକୁ ଜମି କିମ୍ବା ଘର ମାଲିକଙ୍କ ଲିଖିତ ଇଚ୍ଛା । ବାର୍ଷିକ ଅବକାରୀ ପଲିସି (ଏଇପି), 2017-18 ର ଧାରା 4.2.15 ଅନୁଯାୟୀ, ବାଧ୍ୟତାମୂଳକ ପରିସ୍ଥିତିରେ ଦୋକାନ ବନ୍ଦ ନ ହେବା ପାଇଁ ଜମି ମାଲିକଙ୍କ ସହିତ ଅପଞ୍ଜୀକୃତ ଚୁକ୍ତିନାମା ଦାଖଲ ପାଇଁ ଲାଇସେନ୍ସଧାରୀଙ୍କୁ ଏକ ବିକଳ୍ପ ଦିଆଯାଇଛି । ଏହି ବିକଳ୍ପ ବ୍ୟବହାର କରିବାପାଇଁ ଲାଇସେନ୍ସଧାରୀଙ୍କୁ 25,000 ଟଙ୍କା ଦେବାକୁ ପଡ଼ିବ ।

ଅଡିଟ୍ 31ଟି ଜିଲ୍ଲା ଅବକାରୀ କାର୍ଯ୍ୟାଳୟ ମଧ୍ୟରୁ 28 ଟିରେ 2017-18 ବର୍ଷ ପାଇଁ ଜମି ଚୁକ୍ତିନାମା, ଦଲିଲ ପଟ୍ଟା ଓ ଲାଇସେନ୍ସ ସମ୍ବନ୍ଧୀୟ ନଥିପତ୍ର ଯାଞ୍ଚ କରିଥିଲେ । ଦେଖାଗଲା ଯେ 18ଟି ଡିଇଓରେ[63] 300 ଜଣ ଲାଇସେନ୍ସଧାରୀ 2017-18 ବର୍ଷରେ ଅବକାରୀ ଦୋକାନଗୁଡ଼ିକର ଲାଇସେନ୍ସ ପ୍ରଦାନ/ ନବୀକରଣ ପାଇଁ ଆବେଦନ କରୁଥିବା ବେଳେ ଜମି ମାଲିକଙ୍କ ସହିତ ଅପଞ୍ଜୀକୃତ ଜମି ଚୁକ୍ତିନାମା ଦାଖଲ କରିଥିଲେ । ତତ୍ପ୍ରେବ ଧାରା ଅନୁଯାୟୀ, ପଞ୍ଜୀକରଣ ବିନା ଚୁକ୍ତିନାମା ଦାଖଲ କରିବାର ବିକଳ୍ପ ବ୍ୟବହାର ପାଇଁ ଲାଇସେନ୍ସଧାରୀ 75 ଲକ୍ଷ ଟଙ୍କା (300 x 25,000 ଟଙ୍କା) ଆବଶ୍ୟକ ଦେୟ ପଇଠ କରିନଥିଲେ । 2017-18 ବର୍ଷ ପାଇଁ ଲାଇସେନ୍ସ ପ୍ରଦାନ/ ନବୀକରଣ ସମୟରେ ଅପଞ୍ଜୀକୃତ ଚୁକ୍ତିନାମା ଦାଖଲ ବାବଦରେ ରାଶି ଆଦାୟ କରିବାକୁ ଅବକାରୀ ଅଧିକ୍ଷକମାନେ ମଧ୍ୟ ଅତ୍ୟାଗ୍ରହ କରି ନଥିଲେ । ଅଡିଟ୍ ପର୍ଯ୍ୟବେକ୍ଷଣ (ଜୁଲାଇ 2018 ଠାରୁ ମାର୍ଚ୍ଚ 2019) ପ୍ରଦାନ ପରେ ଆଠଜଣ[64] ଅବକାରୀ ଅଧୀକ୍ଷକ 118 ଜଣ ଲାଇସେନ୍ସଧାରୀଙ୍କ ଠାରୁ 29.50 ଲକ୍ଷ ଟଙ୍କା ଆଦାୟ

---

62 ଆସ୍କା ସମବାୟ ଚିନିକଳ ଲିଃ

63 ଏସ୍ଇ ବାଲେଶ୍ୱର, ବରଗଡ଼, ବ୍ରହ୍ମପୁର, ବଲାଙ୍ଗୀର, କଟକ, ଗଜପତି, ଗଞ୍ଜାମ, ଜଗତସିଂହପୁର, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ନବରଙ୍ଗପୁର,ନୂଆପଡା,ପୁରୀ, ରାୟଗଡା ଓ ସୁନ୍ଦରଗଡ

64 ଏସ୍ଇ ବାଲେଶ୍ୱର, ବରଗଡ଼, ବଲାଙ୍ଗୀର, ଜଗତସିଂହପୁର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡା ଓ ସୁନ୍ଦରଗଡ

କରିଥିଲେ । ତଥାପି, 10 ଜଣ ଡିଇଓ ଅପଞ୍ଜୀକୃତ ଚୁକ୍ତିନାମା ଦାଖଲ କରିଥିବା 182 ଜଣ ଲାଇସେନ୍ସଧାରୀଙ୍କ ଠାରୁ 45.50 ଲକ୍ଷ ଟଙ୍କାର ରାଶି ଆଦାୟ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେଇ ନ ଥିଲେ ଯାହାକି **ପରିଶିଷ୍ଟ-III** ରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ।

ପୁନଶ୍ଚ ନୂତନ/ ନବୀକରଣ ଲାଇସେନ୍ସ ପାଇଁ ଆବେଦନ କରିବା ସମୟରେ ଜମି ଚୁକ୍ତିନାମା ଦାଖଲ ନ କରିବା ବାବଦରେ ଜୋରିମାନା ଆରୋପଣ ବିଷୟରେ ଏଇପି ନୀରବ ରହିଥିଲା । ଯଦିଓ, 440 ଜଣ ଲାଇସେନ୍ସଧାରୀ ଅବକାରୀ ଦୋକାନଗୁଡ଼ିକର ନବୀକରଣ ସମୟରେ ଜମି ଚୁକ୍ତିନାମା ଦାଖଲ କରିନଥିଲେ, ସଂପୃକ୍ତ ଅବକାରୀ ଅଧୀକ୍ଷକମାନେ ଅନିୟମିତ ଭାବରେ ଲାଇସେନ୍ସଗୁଡ଼ିକୁ ନବୀକରଣ କରିଥିଲେ । ଏହା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ଯେ, ଚୁକ୍ତିନାମା ଦାଖଲ ନକରିବା ପରିପ୍ରେକ୍ଷୀରେ 53 ଜଣ ଲାଇସେନ୍ସଧାରୀ 13.25 ଲକ୍ଷ ଟଙ୍କା ଜମା କରିଥିଲେ । ନୀତିର ସ୍ୱେଚ୍ଛାଚାର ପ୍ରୟୋଗ ଲାଇସେନ୍ସ ନବୀକରଣରେ ଦୁର୍ନୀତିର କାରଣ ହୋଇପାରେ । କୌଣସି ନୀତିର ଅନୁପସ୍ଥିତିରେ, 53 ଜଣ ଲାଇସେନ୍ସଧାରୀଙ୍କ ଠାରୁ ପ୍ରାପ୍ତ ରାଶି ଏବଂ ବଳକା 387 ଜଣ ଲାଇସେନ୍ସଧାରୀଙ୍କ ଠାରୁ କୌଣସି ଅସଂଗୃହିତ ରାଶି ଅଧିପ୍ରମାଣିତ ହୋଇପାରିବ ନାହିଁ । ତେଣୁ, ନୂତନ/ ନବୀକରଣ ଲାଇସେନ୍ସଗୁଡ଼ିକ ଜାରି କରିବା ସମୟରେ ଜମି ଚୁକ୍ତିନାମା ଦାଖଲ କରିବାରେ ବିଫଳ ହୋଇଥିବା ଲାଇସେନ୍ସଧାରୀଙ୍କ ଉପରେ ଆଦାୟ କରାଯିବାକୁ ଥିବା ଫି ଏବଂ ଜୋରିମାନାକୁ ଦର୍ଶାଇ ଏଇପିରେ ଏକ ଧାରା ଅନ୍ତର୍ଭୁକ୍ତ କରାଯିବା ଉଚିତ୍ ।

ସରକାରଙ୍କୁ ଏ ବିଷୟରେ ଅବଗତ (ଜୁନ୍ 2021) କରାଯାଇଥିଲା । ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଛି (ସେପ୍ଟେମ୍ବର 2021) ।

### 3.5.4 ପ୍ରତିଷ୍ଠାନ ଖର୍ଚ୍ଚ ବାବଦରେ ଫି ଅନାଦାୟ

**ଦୁଇଟି ପାତନଶାଳାରୁ 2018-19 ବର୍ଷ ପାଇଁ ପ୍ରତିଷ୍ଠାନ ଖର୍ଚ୍ଚ ବାବଦରେ ଦାବି ଉତ୍ଥାପନ କରିବାରେ ଦୁଇଜଣ ଅବକାରୀ ଅଧିକ୍ଷକଙ୍କ ବିଫଳତା ଫଳରେ 13.06 ଲକ୍ଷ ଟଙ୍କାର ଅନାଦାୟ ।**

ଓଡ଼ିଶା ଅବକାରୀ ନିୟମାବଳୀ, 2017 ର ନିୟମ 93 ଅନୁଯାୟୀ ଅବକାରୀ କମିଶନର (ଇସି) ଉଲ୍ଲିଖିତ ପଣ୍ୟାଗାର କିମ୍ବା ଗୋଦାମ ପରିଚାଳନାରେ ସଠିକ୍ ପର୍ଯ୍ୟବେକ୍ଷଣ ପାଇଁ ଅବକାରୀ ଅଧିକାରୀ ଏବଂ କର୍ମଚାରୀଙ୍କୁ ନିଯୁକ୍ତି ଓ ନିର୍ଣ୍ଣୟ କରିବେ । ଲାଇସେନ୍ସଧାରୀ ଗୋଦାମଘରର ରକ୍ଷଣାବେକ୍ଷଣ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ସମୟ ସମୟରେ ସ୍ଥିର କରାଯାଇଥିବା ନିର୍ଦ୍ଧାରିତ ହାରରେ କାର୍ଯ୍ୟ ପରିଚାଳନା ପାଇଁ ସରକାରଙ୍କୁ ଫି ପ୍ରଦାନ କରିବେ ଯାହା ପ୍ରତ୍ୟେକ କ୍ୟାଲେଣ୍ଡର ମାସର ଶେଷରେ ପ୍ରଦାନ କରାଯିବ ଏବଂ ଏହି ନିୟମର ଉଦ୍ଦେଶ୍ୟରେ ନିୟୋଜିତ ଅବକାରୀ କର୍ମଚାରୀଙ୍କ ଖର୍ଚ୍ଚର ପରିମାଣ ଠାରୁ ଅଧିକ ହେବ ନାହିଁ ।

ଅଡିଟ୍ 31ଟି ଜିଲ୍ଲା ଅବକାରୀ କାର୍ଯ୍ୟାଳୟ (ଡିଇଓ) ମଧ୍ୟରୁ 16ଟିରେ ନଥିପତ୍ର ଯାଞ୍ଚ କରି ଦେଖିଲେ ଯେ ଦୁଇଟି ଡିଇଓ[65] ଅଧିନରେ ଥିବା ଦୁଇଟି ପାତନଶାଳାର[66] କାର୍ଯ୍ୟ ତଦାରଖ ପାଇଁ ଅପ୍ରେଲ 2018 ରୁ ମାର୍ଚ୍ଚ 2019 ମଧ୍ୟରେ ଆଠ ଜଣ ଅବକାରୀ ଅଧିକାରୀ ଓ କର୍ମଚାରୀ ନିଯୁକ୍ତ ହୋଇଥିଲେ । ଉପରୋକ୍ତ ସମୟ ପାଇଁ ସେହି ପାତନଶାଳାରେ ନିଯୁକ୍ତ ହୋଇଥିବା ଆଠ ଜଣ ଅବକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ଦରମା ଓ ଭତ୍ତା ବାବଦରେ 13.06 ଲକ୍ଷ ଟଙ୍କା ଆକଳନ କରାଯାଇଥିଲା ଯାହା **ପରିଶିଷ୍ଟ-IV** ରେ ବିସ୍ତୃତ କରାଯାଇଛି । ଉପରୋକ୍ତ ବ୍ୟବସ୍ଥା ଅନୁଯାୟୀ ଆଠ ଜଣ ଅବକାରୀ ଅଧିକାରୀ ଓ କର୍ମଚାରୀଙ୍କର ଦରମା ଓ ଭତ୍ତା ଯେଉଁଠି ସେମାନେ କାର୍ଯ୍ୟ ତଦାରଖ ପାଇଁ ନିୟୋଜିତ ଥିଲେ ସେହି ପାତନଶାଳା ଦ୍ୱାରା ଫେରସ୍ତ କରିବାର ଥିଲା । ଦରମା ଓ ଭତ୍ତାର ପରିଶୋଧ ବାବଦରେ ଦୁଇଟି ପାତନଶାଳା ବିରୁଦ୍ଧରେ ଅବକାରୀ ଅଧିକ୍ଷକମାନେ ଦାବି ଉତ୍ଥାପନ କରିନଥିଲେ । ଫଳସ୍ୱରୂପ 13.06 ଲକ୍ଷ ଟଙ୍କା ଅନାଦାୟ ରହିଥିଲା ।

---

65 ଡିଇଓ ଢେଙ୍କାନାଳ ଏବଂ ଗଞ୍ଜାମ

66 ଶକ୍ତି ଚିନିକଲ ଲିଃ ଏବଂ ଆସ୍କା ସମବାୟ ଚିନିକଲ ଲିଃ

ଏହାର ଉତ୍ତରରେ ଅବକାରୀ ଅଧିକ୍ଷକ, ଢେଙ୍କାନାଳ ଏବଂ ଗଞ୍ଜାମ ଦର୍ଶାଇଲେ (ମଇ 2019 ଏବଂ ସେପ୍ଟେମ୍ବର 2019) ଯେ, ନଥିପତ୍ର ଗୁଡ଼ିକର ଯାଞ୍ଚ ପରେ ପ୍ରତିଷ୍ଠାନ ଖର୍ଚ୍ଚର ଆଦାୟ ପାଇଁ ଦାବି ଉତ୍ଥାପନ କରାଯିବ । ସଂପୃକ୍ତ ଅବକାରୀ ଅଧିକ୍ଷକମାନଙ୍କ ଦ୍ୱାରା ଅବକାରୀ ଅଧିକାରୀ ଏବଂ କର୍ମଚାରୀ ନିୟୋଜିତ ହୋଇଥିବାରୁ ଅବକାରୀ ଅଧିକ୍ଷକମାନଙ୍କ ଉତ୍ତର ଗ୍ରହଣୀୟ ନୁହେଁ । ଉପରୋକ୍ତ ଓଡ଼ିଶା ଅବକାରୀ ନିୟମାବଳୀ 2017 ର ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅନୁଯାୟୀ ଅବକାରୀ ଅଧୀକ୍ଷକମାନଙ୍କ ଦ୍ୱାରା ପ୍ରତିଷ୍ଠାନ ଖର୍ଚ୍ଚ ଆଦାୟ କରାଯିବାର ଥିଲା । ସରକାରଙ୍କୁ ମଧ୍ୟ ଏ ବିଷୟରେ ଅବଗତ (ମଇ 2021) କରାଯାଇଥିଲା । ଉତ୍ତର ପ୍ରତୀକ୍ଷିତ ରହିଛି (ସେପ୍ଟେମ୍ବର 2021) ।